# NATIONAL NEWS BULLETIN (ODIA)

## 3 February-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆଜି  ପ୍ରଚାରର ଶେଷଦିନ

– ଆସନ୍ତା ୫ ତାରିଖରେ ଭୋଟ୍ ଗ୍ରହଣ

- ଓ୍ୱାକଫ ସଂଶୋଧନ ବିଲ୍ -୨୦୨୪ ଲାଗି ଗଠିତ ସଂଯୁକ୍ତ ସଂସଦୀୟ କମିଟି ଆଜି ଲୋକସଭାରେ ଉପସ୍ଥାପନ କରିବେ ରିପୋର୍ଟ ।

- ପ୍ରୟାଗରାଜରେ  ଆଜି ଜାରି ରହିଛି ତୃତୀୟ ଅମୃତ ସ୍ନାନ ।

- କଙ୍ଗୋର ଗୋମାରେ ରାଓ୍ୱଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀଙ୍କ ସହ ସଂଘର୍ଷରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ

– ସେଠାରେ ରହୁଥିବା ଭାରତୀୟଙ୍କ ଲାଗି ସତର୍କ ସୂଚନା ଜାରୀ

ଏବଂ

- ଭାରତ’ ଇଂଲଣ୍ଡ ବିପକ୍ଷ ଟି-୨୦ ଆନ୍ତର୍ଜାତିକ ଶୃଙ୍ଖଳାରେ ୪-୧ ରେ ବିଜୟୀ

## ଦିଲ୍ଲୀ-ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟର ଆଜି ହେଉଛି ଶେଷ ଦିବସ । ବିଜେପି, ଆପ୍ ଓ  କଂଗ୍ରେସ ଦଳର ଷ୍ଟାର ପ୍ରଚାରକ ତଥା ବରିଷ୍ଠ ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ଜନସମାବେଶ, ରୋଡ୍ ଶୋ’ ତଥା ଘରକୁଘର ବୁଲି ମତଦାତାମାନଙ୍କୁ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବାରେ ପ୍ରୟାସ ଜାରି ରଖିଛନ୍ତି ।

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ଆସନ୍ତା ୫ ତାରିଖ ବୁଧବାର ଦିନ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ୮ ତାରିଖ ଶନିବାର ଦିନ ଗଣତି କରାଯିବ । ଏହି ନିର୍ବାଚନରେ ମୋଟ୍ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଏ ସଂପର୍କରେ ଆମ ସମ୍ବାଦଦାତାଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରେ ମୁଖ୍ୟତଃ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତା ହେଉଛି । ମୋଟ୍ ୧ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରି ଏହି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେଥିଲାଗି ମୋଟ୍ ୧୩ ହଜାର ୭୬୦ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ନିର୍ବାଚନରେ ଅଧିକ ମତଦାତା ଯେଭଳି ଅଂଶ ଗ୍ରହଣ କରିପାରିବେ, ତାହା ସୁନିଶ୍ଚିତ କରିବା ଲାଗି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଭୋଟର ଅନୁକୂଳ ପଦକ୍ଷେପମାନ ନିଆଯାଇଛି ।

ନିର୍ବାଚନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ମତଦାନ ଲାଗି ୩୫ ହଜାର ଦିଲ୍ଲୀ ପୋଲିସ୍ ଯବାନଙ୍କ ସମେତ ୧୯ ହଜାର ଗୃହରକ୍ଷୀ ତଥା ୨୨୦କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଯବାନମାନଙ୍କୁ ମଧ୍ୟ ମୁତୟନ କରାଯିବା ଲାଗି ବ୍ୟବସ୍ଥା ହୋଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଜେପିସି-ଓ୍ବାକଫ

ଓ୍ବାକଫ ସଂଶୋଧନ ବିଲ୍ -୨୦୨୪ ଲାଗି ଗଠିତ ସଂଯୁକ୍ତ ସଂସଦୀୟ କମିଟି ରିପୋର୍ଟ ଆଜି ଲୋକସଭାରେ ଉପସ୍ଥାପନ କରାଯିବ । କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଏବଂ ବିଜେପି ସାଂସଦ ସଂଜୟ ଜୟସ୍ୱାଲ ଏହି ରିପୋର୍ଟ ଉପସ୍ଥାପନ କରିବେ । ଏତଦ୍‌ବ୍ୟତୀତ ଯୁଗ୍ମ କମିଟିକୁ ଦିଆଯାଇଥିବା ବିଭିନ୍ନ ପ୍ରମାଣ ନଥିପତ୍ର ମଧ୍ୟ ଗୃହରେ ଉପସ୍ଥାପନ କରାଯିବ । ଏହି ରିପୋର୍ଟ ଗତ ଜାନୁଆରୀମାସ ୩୦ ତାରିଖ ଦିନ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଦାନ କରାଯାଇଥିଲା । ପୂର୍ବରୁ ଯୁଗ୍ମ କମିଟି ଓ୍ବାକଫ୍ ବିଲ୍-୧୯୯୫ରେ ୨୫ଟି ସଂଶୋଧନ ନିମନ୍ତେ ସୁପାରିଶ୍ କରିଥିଲେ ।

## ଭିପି-ଆକାଉଣ୍ଟାଣ୍ଟ

ଦେଶରେ ଲକ୍ଷାଧିକ ବେଆଇନ ଅନୁପ୍ରବେଶକାରୀଙ୍କୁ ରହିବାକୁ ଅନୁମତି ଦେଇ ନିର୍ବାଚନ ରାଜନୀତିକୁ ଅସନ୍ତୁଳିତ କରିବାକୁ ଦିଆଯିବ ନାହିଁ ବୋଲି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି । ଗତକାଲି  ନୂଆଦିଲ୍ଲୀରେ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ବିଶ୍ୱ ଆକାଉଣ୍ଟାଣ୍ଟ ଫୋରମ୍ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ଦେଶର ବିକାଶ ଯାତ୍ରାରେ ଯୁବବର୍ଗ ସାମିଲ ହୋଇ ଏକ ବିକଶିତ ଭାରତ ଗଠନ କରିବାରେ ସହାୟକ ହୋଇପାରିବେ ।

## ମହାକୁମ୍ଭ

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ବସନ୍ତ ପଞ୍ଚମୀ ଅବସରରେ ମହାକୁମ୍ଭରେ ଆଜି ତୃତୀୟ ଅମୃତ ସ୍ନାନ ଜାରି ରହିଛି । ପୂର୍ବରୁ  ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଏବଂ ୨୯ ତାରିଖ ମୌନୀ ଅମାବାସ୍ୟା ଦିନ ମଧ୍ୟ ପ୍ରଥମ ଦୁଇଟି ଅମୃତସ୍ନାନ ଅନୁଷ୍ଠିତ ହୋଇଯାଇଛି । ମହାନିର୍ବାଣୀ ପଞ୍ଚାୟତି ଆଖଡ଼ା ଏବଂ ଶମ୍ଭୁ ପଞ୍ଚାୟତି ଅଟଳ ଆଖଡ଼ା ଆଜି ପ୍ରତ୍ୟୁଷରେ ପ୍ରଥମେ ତ୍ରିବେଣୀ ସଂଗମଠାରେ ଏହି ପବିତ୍ର ସ୍ନାନ ଅବସରରେ ବୁଡ଼ ପକାଇଥିଲେ । ଏଥିଲାଗି ୫୦ ହଜାରରୁ ଉର୍ଦ୍ଧ୍ୱ ପୋଲିସ୍ କର୍ମଚାରୀଙ୍କ ସମେତ ଅର୍ଦ୍ଧସାମରିକ ବାହିନୀକୁ ମଧ୍ୟ ସେଠାରେ ମୁତୟନ କରାଯାଇଛି । ଗତମାସ ୧୩ ତାରିଖରୁ  ଆରମ୍ଭ ହୋଇଥିବା ବିଶ୍ୱର ଏହି ସର୍ବବୃହତ ଧାର୍ମିକ ସମାଗମରେ ଏପର୍ଯ୍ୟନ୍ତ ୩୫ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ସାରିଛନ୍ତି ।

## ୟୁଏନ୍‌ଜିଏ

ମିଳିତ ଜାତିସଂଘ ସାଧାରଣ ପରିଷଦ ଅଧ୍ୟକ୍ଷ ଫିଲେମନ ୟାଙ୍ଗ୍ ଆସନ୍ତାକାଲିଠାରୁ ଭାରତ ଗସ୍ତରେ ଆସୁଛନ୍ତି । ଶ୍ରୀ ୟାଙ୍ଗ୍ ୮ ତାରିଖ ପର୍ଯ୍ୟନ୍ତ ଭାରତରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ସେ କହିଛନ୍ତି ଗତ ଦଶନ୍ଧିରେ ଭାରତ ଉଲ୍ଲେଖନୀୟ ରୂପାନ୍ତରୀକରଣ ହାସଲ କରିଛି । ତାଙ୍କ ଗସ୍ତ ଅବସରରେ ଭାରତରେ ତୃଣମୂଳସ୍ତରରେ ଡିଜିଟାଲ ତଥା ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ କିଭଳି ପରିବର୍ତ୍ତନ ହୋଇଛି, ତାହା ସେ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାର ସୁଯୋଗ ପାଇବେ । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ତଥା ପଞ୍ଚମ ବୃହତ ଅର୍ଥବ୍ୟବସ୍ଥା ହାସଲ କରିଥିବା ଭାରତ ମିଳିତ ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ।

## କଙ୍ଗୋ ଡେଥ୍

କଙ୍ଗୋର ସର୍ବବୃହତ ସହର ଗୋମାରେ ରାଓ୍ୱଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀଙ୍କ ସହ ସଂଘର୍ଷରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଛି । କଙ୍ଗୋ ସରକାରଙ୍କ ମୁଖପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି, ଗୋମା ସଡ଼କକୁ ଜନଶୂନ୍ୟ କରିବା ଲାଗି ଏହି ବିଦ୍ରୋହୀମାନେ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ କଙ୍ଗୋର କିନ୍‌ସାସା ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବୁଖାବୁରେ ରହୁଥିବା ଭାରତୀୟମାନେ ସୁରକ୍ଷିତ ସ୍ଥାନକୁ ଚାଲିଯିବା

ଲାଗି ପରାମର୍ଶ ଦିଆଯାଇଛି । ପୂର୍ବ କଙ୍ଗୋରେ ସୁରକ୍ଷା ପରିସ୍ଥିତି ଉପରେ ଭାରତୀୟ ଦୂତାବାସ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ସେଠାରେ ରହୁଥିବା ସମସ୍ତ ଭାରତୀୟଙ୍କୁ ସେମାନଙ୍କ ନିକଟରେ ଜରୁରୀ ପରିଚୟପତ୍ର, ଆବଶ୍ୟକ ଔଷଧ,ଖାଦ୍ୟ, ପୋଷାକ ଏବଂ ଭ୍ରମଣ ଦଲିଲ ରଖିବା ଲାଗି ପରାମର୍ଶ ଦିଆଯାଇଛି । ସେହିଭଳି ସ୍ଥାନୀୟ ଗଣମାଧ୍ୟମ ଉପରେ ନଜର ରଖିବାକୁ କୁହାଯାଇଛି ।

ମିଳିଥିବା ସୂଚନାଅନୁଯାୟୀ, ଏମ୍-୨୩ ବିଦ୍ରୋହୀ ବୁଖାବୁଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଖବର ମିଳିବାରୁ ଭାରତୀୟ ଦୂତାବାସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **କ୍ୟାନସର ସଚେତନତା-ଚିହ୍ନଟ, ଚିକିତ୍ସା ଓ ନିରାକରଣ ପ୍ରେରଣାଦାୟୀ ପ୍ରଚେଷ୍ଟା ।** ବିଶିଷ୍ଟ କ୍ୟାନସର ବିଶେଷଜ୍ଞ ଡକ୍ଟର ଡୋଡୁଲ ମଣ୍ଡଳ ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନଙ୍କୁ ରାତି ୯ଟା ୩୦ ମିନିଟ୍ ପରଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ

9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# କ୍ରିକେଟ୍

ଭାରତ ଗତକାଲି ପଞ୍ଚମ ତଥା ଚୂଡ଼ାନ୍ତ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୧୫୦ ରନ୍ ବ୍ୟବଧାନରେ ପରାସ୍ତ କରିଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବିଜୟୀ ହେବା ସହିତ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜ୍‌କୁ ୪-୧ରେ ହାସଲ କରିନେଇଛି ।  ଟସ୍ ଜିତି ଇଂଲଣ୍ଡ ଦଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା । ଦଳ ପକ୍ଷରୁ ଅଭିଷେକ ଶର୍ମା ୫୬ଟି ବଲ୍‌ରୁ ୧୩୫ ରନ୍ ସଂଗ୍ରହ କରିଥିଲେ । ସେଥିମଧ୍ୟରେ ୧୩ଟି ଛକା ମାରି ଅଭିଷେକ ଏକ ରେକର୍ଡ ସୃଷ୍ଟି କରିଛନ୍ତି । ଇଂଲଣ୍ଡ ପକ୍ଷରୁ ବ୍ରାଇଡର କାର୍ସେ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ମାର୍କ ଉଡ୍ ୨ଟି ଏବଂ ଜୋଫ୍ରା ଆର୍ଚର, ଜାମି ଓଭରଟନ୍ ଓ ଆଦିଲ୍ ରସିଦ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

୨୪୮ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ଇଂଲଣ୍ଡ ଦଳ ୧୦ ଓଭର୍ ଓ ୩ଟି ବଲ୍‌ରେ ମାତ୍ର ୯୭ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ ।

ଓପନର ଫିଲିପ୍ ସଲ୍ଟ ଦଳ ପକ୍ଷରୁ ସର୍ବାଧିକ ୫୫ ରନ୍ କରିଥିଲେ । ଭାରତର ମହମ୍ମଦ ସାମି ୩ଟି ଓ୍ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ, ଶିବମ୍ ଦୁବେ ଓ ଅଭିଷେକ ଶର୍ମା ୨ଟି ଲେଖାଏଁ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ଓ୍ୱିକେଟ୍ ହାସଲ କରିଛନ୍ତି । ଅଭିଷେକ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ବରୁଣ ଚକ୍ରବର୍ତ୍ତୀ ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି ।

## ପିଏମ୍-ଓମେନ୍ସ କ୍ରିକେଟ୍

ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ୨୦୨୫ ଚମ୍ପିୟାନ୍ ହୋଇଥିବା ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଚନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଭାରତର ନାରୀଶକ୍ତି ଲାଗି ସେ ଅତ୍ୟନ୍ତ ଗର୍ବିତ । ଉତ୍ତମ ପ୍ରଦର୍ଶନ ତଥା ପ୍ରତିବଦ୍ଧତା ଯୋଗୁଁ ଏହି ବିଜୟ ହାସଲ ହୋଇପାରିଛି । ଏହା ଆଗାମୀ ଦିନରେ ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, କୁଆଲାଲମ୍ପୁରସ୍ଥିତ ବାଇମାସ ଓଭାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଫାଇନାଲ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିୟନ୍ ହୋଇଛି ।

ଫାଇନାଲ୍‌ରେ ୪୪ ରନ୍ ସହ ୩ଟି ୱିକେଟ୍ ନେଇଥିବା ଗୋଙ୍ଗାଡ଼ି ତ୍ରିସାଙ୍କୁ ଶ୍ରେଷ୍ଠ ଖେଳାଳୀ ଓ ଚଳିତ ବିଶ୍ୱକପ୍‌ରେ ୩୦୯ ରନ୍ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଛନ୍ତି । ଅନ୍ୟପକ୍ଷରେ ବୈଷ୍ଣବୀ ଶର୍ମା ୬ଟି ମ୍ୟାଚ୍‌ରୁ ଗୋଟିଏ ହ୍ୟାଟ୍ରିକ୍ ସହ ୧୩ଟି ୱିକେଟ୍ ନେଇ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ୍ ହାସଲକାରୀ ହୋଇପାରିଛନ୍ତି।

## ଚେସ୍

ଭାରତର ଗ୍ରାଣ୍ଡ୍ ମାଷ୍ଟର ଆର୍. ପ୍ରଗ୍ନାନନ୍ଧା ସମ୍ମାନଜନକ ଟାଟାଷ୍ଟିଲ୍ ମାଷ୍ଟର୍ସ-୨୦୨୫ ଟାଇଟଲ୍ ହାସଲ କରିଛନ୍ତି । ଗତରାତିରେ ନେଦରଲ୍ୟାଣ୍ଡର ୱିଚ୍‌କ୍ ଆନ୍ ଜି ଠାରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସେ ବିଶ୍ୱ ଚମ୍ପିୟାନ୍ ଡି.ଗୁକେଶଙ୍କୁ ପରାସ୍ତ କରିଥିଲେ । ୨୦୦୬ ମସିହାରେ ବିଶ୍ୱନାଥନ୍ ଆନନ୍ଦଙ୍କ ପରେ ପ୍ରଗ୍ନାନନ୍ଧା ଏହି ଟାଇଟଲ୍ ହାସଲ କରିବାରେ ପ୍ରଥମ ଭାରତୀୟ ।